# REGIONAL NEWS UNIT, AIR CUTTACK

## Evening Bulletin (6.45 PM)

### 10 October – 2026

**********************************

## ମୁଖ୍ୟ ସମ୍ବାଦ

- ପାର୍ବଣକୁ ଦୃଷ୍ଟିରେ ରଖି ଅଧିକ ପ୍ରଦୂଷଣ କରୁଥିବା ବାଣବିକ୍ରିକୁ ବନ୍ଦ କରିବା ପାଇଁ ପଦକ୍ଷେପ ନେବାକୁ ସରକାରଙ୍କ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ।
- ଗଣତନ୍ତ୍ରରେ ଜନତାଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ ଏସ୍ଆଇଆର୍ ଗୁରୁତ୍ୱପୂର୍ଣ୍ଣ କହିଲେ ମୁଖ୍ୟମନ୍ତ୍ରୀ
- ଚଳିତ ବର୍ଷ ପାଇଁ ଅର୍ଥନୀତିରେ ନୋବେଲ ପୁରସ୍କାର ପାଇବେ ଅର୍ଥନୀତିଜ୍ଞ ରବର୍ଟ ଇ. ହଲ୍ ଏବଂ ମାଇକେଲ ଉଡଫର୍ଡ

ଏବଂ

- ଦକ୍ଷିଣ ଆଣ୍ଡାମାନ ସାଗର ଅଞ୍ଚଳରେ ସୃଷ୍ଟ ଘୂର୍ଣ୍ଣିବଳୟ ଆସନ୍ତାକାଲି ସୁଦ୍ଧା ଲଘୁଚାପରେ ପରିଣତ ହେବା ସମ୍ଭାବନା

Desk

## ବାଣ ବିକ୍ରି ବନ୍ଦ

ବଜାରରେ ବାଣର ଉପଲବ୍ଧତାକୁ ନିୟନ୍ତ୍ରଣ କରିବା, ସ୍ୱଳ୍ପ ପ୍ରତିକ୍ରିୟାଶୀଳ ବାଣକୁ ପ୍ରୋତ୍ସାହନ ପ୍ରଦାନ କରିବା ଏବଂ ଅଧିକ ପ୍ରଦୂଷଣ ସୃଷ୍ଟି କରୁଥିବା ବାଣ ବିକ୍ରିକୁ ବନ୍ଦ କରିବା ନେଇ ପଦକ୍ଷେପ ଗ୍ରହଣ କରିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତ, ଜଷ୍ଟିସ୍ ଜୟମାଲ୍ୟ ବାଗ୍‌ଚୀ ଏବଂ ଜଷ୍ଟିସ ଭି. ମୋହନାଙ୍କ ଖଣ୍ଡପୀଠ ଦିଲ୍ଲୀ ଏନ୍‌ସିଆର୍ ସମେତ ଦେଶର ବିଭିନ୍ନ କ୍ଷେତ୍ରରେ ବାୟୁ ପ୍ରଦୂଷଣ ସମ୍ପର୍କିତ ପରିସ୍ଥିତିକୁ ସ୍ୱତଃପ୍ରବୃତ୍ତ ଭାବେ ବିଚାରକୁ ନେଇ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ଗ୍ରହଣ କରାଯାଉଥିବା ନିଷ୍ପତ୍ତିର ସଠିକ୍ କାର୍ଯ୍ୟାନ୍ୱୟନ ଉପରେ ମଧ୍ୟ ଖଣ୍ଡପୀଠ ଗୁରୁତ୍ୱ ଦେଇଛନ୍ତି। ଧାର୍ମିକ ଭାବନାକୁ ଆଘାତ ନ ଦେଇ ବାଣ ଫୁଟାଇବା ଜନିତ କ୍ଷତି ସମ୍ପର୍କରେ ଜନସଚେତନତା ବୃଦ୍ଧି ତଥା ସନ୍ତୁଳିତ ଓ ବ୍ୟାବହାରିକ ପଦ୍ଧତିର ଆବଶ୍ୟକତା ଉପରେ ସୁପ୍ରିମକୋର୍ଟ ଗୁରୁତ୍ୱ ଦେଇଛନ୍ତି।

Newspool

## ସ୍ୱାସ୍ଥ୍ୟସେବା

ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ପ୍ରତିଷ୍ଠାନଗୁଡ଼ିକ ଦ୍ୱାରା ଯୋଗାଇ ଦିଆଯାଉଥିବା ସେବା ଓ ସୁବିଧା ଏବଂ ଏ ସଂକ୍ରାନ୍ତ ବ୍ୟୟ ନେଇ ପ୍ରମୁଖତାର ସହ ସୂଚନା ପ୍ରଦାନ କରିବା ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ଏଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସରକାର ପରାମର୍ଶ ଦିଆଯାଇଛି। ସ୍ୱାସ୍ଥ୍ୟସେବା ସଂକ୍ରାନ୍ତ ସୁବିଧା ଗ୍ରହଣ

କରିବା ନେଇ ରୋଗୀଙ୍କୁ ଏଥିପାଇଁ ନିଷ୍ପତ୍ତି ନେବାରେ ସହଜ ହୋଇପାରିବ। ଏଥିସହ ପ୍ରଦାନ କରାଯିବାକୁ ଥିବା ଦେୟ ବାବଦରେ ରହିଥିବା ସନ୍ଦେହ ପ୍ରତିହତ ହେବାସହ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଉପରେ ବିଶ୍ୱାସ ଦୃଢ଼ ହୋଇପାରିବ ବୋଲି ସରକାର ଆଶାବ୍ୟକ୍ତ କରିଛନ୍ତି। କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପୁଣ୍ୟସଲୀଳା ଶ୍ରୀବାସ୍ତବ ଏ ନେଇ ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବଙ୍କୁ ଚିଠି ମାଧ୍ୟମରେ ଅବଗତ କରିଛନ୍ତି। ଏହି ପଦକ୍ଷେପ ରୋଗୀ ତଥା ତାଙ୍କ ନିକଟ ସମ୍ପର୍କୀୟଙ୍କୁ ଚିକିତ୍ସା ବ୍ୟୟ ନେଇ ଯୋଜନା ପ୍ରସ୍ତୁତ କରିବାରେ ସହଯୋଗ ପ୍ରଦାନ କରିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଚିଠିରେ ଉଲ୍ଲେଖ କରିଛନ୍ତି। ଏଥିସହ ବିଭିନ୍ନ ରାଜ୍ୟକୁ ଚିକିତ୍ସା ତଥା ଆୟୁଷ ଭିସାରେ ଆସୁଥିବା ଅନ୍ତର୍ଜାତୀୟ ରୋଗୀଙ୍କ ପାଇଁ ସ୍ୱାସ୍ଥ୍ୟସେବା ପ୍ରଦାନ ସଂକ୍ରାନ୍ତ ଦେୟ ସମ୍ପର୍କରେ ସ୍ପଷ୍ଟ ସୂଚନା ପ୍ରଦାନ କରିବାକୁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଅନୁରୋଧ କରିଛନ୍ତି। ଏହାଦ୍ୱାରା ସ୍ୱାସ୍ଥ୍ୟସେବା କ୍ଷେତ୍ର ଅଧିକ ସ୍ୱଚ୍ଛ, ଉତ୍ତରଦାୟୀ ଓ ରୋଗୀଙ୍କ ଆବଶ୍ୟକତା ପୂରଣ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ଆଶାବ୍ୟକ୍ତ କରିଛନ୍ତି।

Desk

## ଏସ୍ଆଇଆର୍

ଗଣତନ୍ତ୍ରରେ ଜନତାଙ୍କ ବିଶ୍ୱାସକୁ ସୁଦୃଢ଼ କରିବା ପାଇଁ ସ୍ୱତନ୍ତ୍ର ସଘନ ଭୋଟର ତାଲିକା ସଂଶୋଧନ– ଏସ୍.ଆଇ.ଆର୍. ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଏସ୍.ଆଇ.ଆର୍ ସମ୍ପର୍କରେ ମତାମତ ରଖି ଶ୍ରୀ ମାଝୀ

କହିଛନ୍ତି, ନିର୍ବାଚନୀ ରେକର୍ଡ ନିର୍ଭରଯୋଗ୍ୟ ରଖିବା ଓ ସ୍ୱଚ୍ଛ, ସଠିକ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଏସ୍.ଆଇ.ଆର୍ ଆବଶ୍ୟକ। ନିର୍ଭୁଲ ଭୋଟର ତାଲିକା ନିଶ୍ଚିନ୍ତ କରିବା କେବଳ ପ୍ରଶାସନିକ ଆବଶ୍ୟକତା ନୁହେଁ, ଏହା ଗଣତନ୍ତ୍ରରେ ଜନତାଙ୍କ ବିଶ୍ୱାସ ସୁଦୃଢ଼ କରିବା କ୍ଷେତ୍ରରେ ଆବଶ୍ୟକ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏସ୍.ଆଇ.ଆର୍.ରେ ଯୋଗ୍ୟ ଭୋଟରଙ୍କୁ ସାମିଲ ଓ ଅଯୋଗ୍ୟଙ୍କୁ ବାଦ୍ ଦେବା ପାଇଁ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି ବୋଲି ଶ୍ରୀ ମାଝୀ କହିଛନ୍ତି।

HS

## ତାଲିମ ପ୍ରଦାନ

ରାଜ୍ୟର ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଉନ୍ନୀତ ବିଦ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ପିଜିଟି ଇଂରାଜୀ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ତାଲିମ ପ୍ରଦାନ କରାଯିବ। ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ଏଥିପାଇଁ ବ୍ୟାପକ ଆୟୋଜନ କରାଯାଇଛି। ଏଥିରେ ପ୍ରାୟ ୧୧୨ ଜଣ ଇଂରାଜୀ ଶିକ୍ଷକ ଓ ଶିକ୍ଷିକାଙ୍କୁ ତାଲିମ ପ୍ରଦାନ ପାଇଁ ବ୍ୟବସ୍ଥା ହୋଇଛି। ଏହି ଅବସରରେ ଭୁବନେଶ୍ୱର ଶିରିପୁରସ୍ଥିତ ଇମେଜ୍ କେନ୍ଦ୍ରଠାରେ ଆୟୋଜିତ ଉଦ୍‌ଘାଟନୀ ଅଧିବେଶନରେ ଉଚ୍ଚ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶାଳୟର ଅତିରିକ୍ତ ନିର୍ଦ୍ଦେଶକ ବିନିତା ସେନାପତିଙ୍କ ସମେତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଯୋଗ ଦେଇଥିଲେ। ପାଞ୍ଚଦିନ ଧରି ଏହି ତାଲିମ କର୍ମଶାଳା ଅନୁଷ୍ଠିତ ହେବ ବୋଲି ନିର୍ଦ୍ଦେଶାଳୟ ପକ୍ଷରୁ କୁହାଯାଇଛି।

HS

## ମୁଖ୍ୟମନ୍ତ୍ରୀଙ୍କ ସାକ୍ଷାତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱରଠାରେ ବିଜେପି ରାଷ୍ଟ୍ରୀୟ ସହସାଧାରଣ ସମ୍ପାଦକ ସୌଦାନ ସିଂହଙ୍କ ସହ ସାକ୍ଷାତ ଆଲୋଚନା କରିଛନ୍ତି। ଏହି ଅବସରରେ ଦଳୀୟ ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ଏବଂ ସରକାରଙ୍କ କଲ୍ୟାଣକାରୀ ଯୋଜନାଗୁଡ଼ିକର ସୁଫଳ ତୃଣମୂଳ ସ୍ତରରେ ପହଞ୍ଚାଇବା ନେଇ ପ୍ରୟାସ ଉପରେ ମତବିନିମୟ ହୋଇଥିବା ଜଣାପଡ଼ିଛି।

Desk

## ସଡ଼କ ସୁରକ୍ଷା ସଚେତନତା

ଛାତ୍ରଛାତ୍ରୀଙ୍କ ମଧ୍ୟରେ ସଡ଼କ ସୁରକ୍ଷା ସଚେତନତା ବୃଦ୍ଧି କରିବା ଲକ୍ଷ୍ୟ ନେଇ ଆସନ୍ତାକାଲି ରାଜ୍ୟର ସବୁ ଜିଲ୍ଲାରେ ସ୍ଲୋଗାନ ଓ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ସେବାସଂକଳ୍ପ ଅଭିଯାନ ଅଧିନରେ ଅଷ୍ଟମରୁ ଦଶମ ଶ୍ରେଣୀ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଏହି ପ୍ରତିଯୋଗିତା ଆୟୋଜନ କରାଯିବା ନେଇ ନିଷ୍ପତ୍ତି ହୋଇଛି। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶକ୍ରମେ ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥିବା ନେଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ସୁରକ୍ଷିତ ଭାବେ ଘରକୁ ଫେରିବା ପ୍ରସଙ୍ଗ ଆଧାରରେ ଛାତ୍ରଛାତ୍ରୀ ସେମାନଙ୍କ ସୃଜନଶୀଳ ଚିନ୍ତାଧାରାକୁ ଚିତ୍ର ଓ ସ୍ଲୋଗାନ ମାଧ୍ୟମରେ ପରିପ୍ରକାଶ କରିବା ଲକ୍ଷ୍ୟ ନେଇ ଏହି ପ୍ରତିଯୋଗିତା ଆୟୋଜିତ ହେବ।

Desk

## ନୋବେଲ ପୁରସ୍କାର

ଚଳିତ ବର୍ଷ ପାଇଁ ଅର୍ଥନୀତିରେ ନୋବେଲ ପୁରସ୍କାର ଘୋଷଣା କରାଯାଇଛି। ଆମେରିକୀୟ ଅର୍ଥନୀତିଜ୍ଞ ରବର୍ଟ ଇ ହଲ୍ ଏବଂ ମାଇକେଲ୍ ଉଡଫର୍ଡ ଏଥିପାଇଁ ମନୋନୀତ ହୋଇଛନ୍ତି। ସେମାନଙ୍କ ଗବେଷଣା ନିର୍ଯ୍ୟାସ ଅଣୁ, କ୍ଷୁଦ୍ର ଅର୍ଥନୀତି ସଂକ୍ରାନ୍ତ ନୀତିନିର୍ଦ୍ଧାରଣ କରିବାରେ ଉପଯୋଗୀ ସାବ୍ୟସ୍ତ ହେବ। ରୟାଲ ସ୍ୱିଡିସ୍ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ କୁହାଯାଇଛି ଏହି ଅର୍ଥନୀତିଜ୍ଞଙ୍କ ଗବେଷଣା ଜନିତ ତଥ୍ୟ ଆର୍ଥିକ ଏବଂ ମୁଦ୍ରାନୀତି ପ୍ରସ୍ତୁତିକୁ ଅଧିକ ମଜଭୁତ୍ କରିବ। ସ୍ଥିର ଅର୍ଥନୀତି କ୍ଷେତ୍ରରେ ସରକାରୀ ତଥା କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ଦକ୍ଷତାକୁ ଏହା ଅଧିକ ଉନ୍ନତ କରିବ ବୋଲି ଏକାଡେମୀ ପକ୍ଷରୁ କୁହାଯାଇଛି।

Jharsuguda

## ଉନ୍ନୟନ ପ୍ରକଳ୍ପ

ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ନିର୍ବାଚନମଣ୍ଡଳୀ ଅଧିନରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଓ ସାଂସଦ ପ୍ରଦୀପ ପୁରୋହିତ ଆଜି ୬ଟି ଉନ୍ନୟନ ପ୍ରକଳ୍ପର ଶିଳାନ୍ୟାସ କରିଛନ୍ତି। ଏଥିପାଇଁ ୨୩ କୋଟି ୮୯ ଲକ୍ଷ ଟଙ୍କା ବ୍ୟୟ ଅଟକଳ କରାଯାଇଛି। ପ୍ରକଳ୍ପଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଯୋଗାଯୋଗ ଏବଂ ସରକାରୀ ସେବା ପ୍ରଦାନ ଅଧିକ ଉନ୍ନତ ହେବ। ଶିଳାନ୍ୟାସ ଅବସରରେ ମନ୍ତ୍ରୀ ଶ୍ରୀ ପୂଜାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରକଳ୍ପଗୁଡ଼ିକୁ ସମ୍ପନ୍ନ କରିବା ନେଇ ଗୁରୁତ୍ୱ ଦେଇଛନ୍ତି।

Nayagarh

## ସେବାସଂକଳ୍ପ ଅଭିଯାନ

ସେବାସଂକଳ୍ପ ଅଭିଯାନ ଅଧିନରେ ନୟାଗଡ଼ ଜିଲ୍ଲା ଭାପୁର ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ସେବାସେତୁ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ତଥା ଜିଲ୍ଲା ଯୋଜନାବୋର୍ଡ ଅଧ୍ୟକ୍ଷ ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ କହିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଜନକଲ୍ୟାଣକାରୀ ଚିନ୍ତାଧାରା ଓ ସେବାସଂକଳ୍ପ ଅଭିଯାନ ଆଧାରରେ ସରକାରୀ ଯୋଜନାର ସୁଫଳ ସମାଜର ପ୍ରତ୍ୟେକ ବର୍ଗର ହିତାଧିକାରୀଙ୍କ ପାଖରେ ପହଞ୍ଚାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ। ଏହାଦ୍ୱାରା ତୃଣମୂଳ ସ୍ତରରେ ଲୋକ ଅଧିକ ସଚେତନ ହେବାସହ ନିଜର ଆବଶ୍ୟକତା ଓ ଅଭିଯୋଗ ପ୍ରଶାସନ ନିକଟରେ ଉପସ୍ଥାପନ କରିପାରିବେ ବୋଲି ଶ୍ରୀ ସ୍ୱାଇଁ କହିଛନ୍ତି।

Ganjam

## ଉତ୍କର୍ଷ ଅଗ୍ନିବୀର

ଯୁବବର୍ଗଙ୍କୁ ଦେଶସେବା ପାଇଁ ଉତ୍ସାହିତ କରିବା ଲକ୍ଷ୍ୟନେଇ ଗଞ୍ଜାମ ଜିଲ୍ଲା ପ୍ରଶାସନ ପକ୍ଷରୁ **'ଉତ୍କର୍ଷ ଅଗ୍ନିବୀର'** ନାମକ ଏକ ଅଭିନବ ପଦକ୍ଷେପ ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ଅଗ୍ନିବୀର ଏବଂ ଅନ୍ୟାନ୍ୟ ୟୁନିଫର୍ମଯୁକ୍ତ ସେବାରେ ନିଯୁକ୍ତି ପାଇଁ ଯୁବବର୍ଗଙ୍କୁ ପ୍ରସ୍ତୁତ କରାଯାଇପାରିବ। ଏହି ପଦକ୍ଷେପ ଅଧିନରେ ଇଚ୍ଛୁକ ଯୁବବର୍ଗଙ୍କୁ ମାଗଣା ତାଲିମର ବ୍ୟବସ୍ଥା ରହିଛି। ଜିଲ୍ଲାର ପ୍ରତ୍ୟେକ ବ୍ଲକ ଏବଂ ବ୍ରହ୍ମପୁର ମହାନଗର ନିଗମ ଅଞ୍ଚଳରେ ଗୋଟିଏ ଲେଖାଏଁ ତାଲିମକେନ୍ଦ୍ର ଖୋଲିବା

ପାଇଁ ନିଷ୍ପତ୍ତି ହୋଇଛି । ପ୍ରତ୍ୟେକ କେନ୍ଦ୍ରରେ ୫୦ ଜଣ ଆଶାୟୀଙ୍କୁ ତାଲିମ ପ୍ରଦାନ କରାଯିବ । ଆଜିଠାରୁ ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏଥିପାଇଁ ଇଚ୍ଛୁକ ଯୁବବର୍ଗ ପଞ୍ଜୀକରଣ କରିପାରିବେ ।

Desk

## ନବରାତ୍ରି

ଶାରଦୀୟ ନବରାତ୍ରରେ ନଅଦିନ ଧରି ମା' ଦୁର୍ଗା ଏବଂ ତାଙ୍କର ୯ଟି ଭିନ୍ନସ୍ୱରୂପକୁ ବିଧିବିଧାନ ସହକାରେ ପୂଜା କରାଯିବାର ପରମ୍ପରା ରହିଅଛି । ଆଜି ମା'ଙ୍କ ଦ୍ୱିତୀୟ ସ୍ୱରୂପ ମା' ବ୍ରହ୍ମଚାରିଣୀଙ୍କ ପୂଜା କରାଯାଉଛି । ବ୍ରତଧାରୀମାନେ ନିଷ୍ଠାର ସହ ମା'ଙ୍କୁ ଉପାସନା କରୁଛନ୍ତି । ବ୍ରହ୍ମ ଅର୍ଥ ତପସ୍ୟା ଏବଂ ଚାରିଣୀ ଅର୍ଥ ତାହାର ଅନୁସରଣକାରୀ । ମା'ଙ୍କ ଏହି ସ୍ୱରୂପ ହେଉଛି ତପ, ତ୍ୟାଗ, ସଂଯମ ଓ ଅଟଳ ନିଷ୍ଠାର ପ୍ରତୀକ ।

Dhenkanal

## ଉତ୍ସାହ

ଢେଙ୍କାନାଳ ଜିଲ୍ଲାସ୍ତରୀୟ ଶିଶୁ ପ୍ରତିଯୋଗିତା ଗତ ଦୁଇଦିନ ଧରି ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଶିଶୁ ସୁରକ୍ଷା ବିଭାଗ ଏବଂ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ଗତ ଦୁଇଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । **'ଉତ୍ସାହ'** ନାମକ ଏହି କାର୍ଯ୍ୟକ୍ରମରେ ପିଲାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବାସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଛି ।

Rayagada, Nayagarh, Bargad, Boudh, Subarnapur, Nabarangpur, Ganjam, KPT

## ଯୁଗ୍ମ ଅଭିଯୋଗ ଶୁଣାଣି

ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆଜି ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ରାୟଗଡ଼ା ଗୁଣୁପୁର ଉପଜିଲ୍ଲାପାଳଙ୍କ ସଦ୍‌ଭାବନା ସଭାଗୃହରେ ଅନୁଷ୍ଠିତ ଶିବିରରେ ୫୮ଟି ଅଭିଯୋଗ ଶୁଣାଣି ହୋଇଥିବାବେଳେ ଦୁଇଜଣଙ୍କୁ ୧୨ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି।

ନୟାଗଡ଼ ଜିଲ୍ଲା ଗଣିଆ ବ୍ଲକରେ ଅନୁଷ୍ଠିତ ଶିବିରରେ ୫୨ଟି ଦରଖାସ୍ତର ବିଚାର କରାଯାଇଛି। ସେଥିରୁ ୨୭ଟିର ତତ୍କାଳ ସମାଧାନ ହୋଇଛି।

ବରଗଡ଼ ଭଟ୍‌ଲି ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୫୭ଟି ଅଭିଯୋଗ ଉପରେ ଶୁଣାଣି ହୋଇଛି।

ବୌଦ୍ଧ ଜିଲ୍ଲା ହରଭଙ୍ଗା ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୮୬ଟି ଅଭିଯୋଗର ଶୁଣାଣି କରାଯାଇ ୨୨ଟିର ତତ୍କାଳ ସମାଧାନ କରାଯାଇଛି।

ସୁବର୍ଣ୍ଣପୁର ଡୁଙ୍ଗୁରିପାଲ୍ଲୀ ବ୍ଲକସ୍ଥିତ ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ୫୯ଟି ଅଭିଯୋଗର ଶୁଣାଣି ହୋଇଛି।

ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ବ୍ଲକ କାର୍ଯ୍ୟାଳୟରେ ଅନୁଷ୍ଠିତ ଶିବିରରେ ୩୮ଟି ଅଭିଯୋଗର ଶୁଣାଣି ହେବାସହ ଜଣକୁ ରେଡକ୍ରସ ପାଣ୍ଠିରୁ ସହାୟତା ପ୍ରଦାନ କରାଯାଇଛି।

ଗଞ୍ଜାମ ଜିଲ୍ଲା ପୋଲସରା ପଞ୍ଚାୟତ ସମିତି କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଶିବରରେ ୧୨୭ଟି ଅଭିଯୋଗ ଉପରେ ଶୁଣାଣି ହୋଇଛି।

କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ କାର୍ଯ୍ୟାଳୟଠାରେ ୮୮ଟି ଅଭିଯୋଗ ଉପରେ ଶୁଣାଣି ହୋଇଥିବାବେଳେ କଳାହାଣ୍ଡି ଜିଲ୍ଲା ଜୁନାଗଡ଼ଠାରେ ଅନୁଷ୍ଠିତ ଶିବିରରେ ୩୦ଟି ଅଭିଯୋଗ ଶୁଣାଣି ହୋଇଛି।

Desk

# ପାଣିପାଗ

ଦକ୍ଷିଣ ଆଣ୍ଡାମାନ ସାଗର ନିକଟବର୍ତ୍ତୀ ଅଞ୍ଚଳରେ ଏକ ଘୂର୍ଣ୍ଣିବଳୟ ସୃଷ୍ଟି ହୋଇଛି। ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ  ଆସନ୍ତାକାଲି ସୁଦ୍ଧା ଏହା ଲଘୁଚାପ କ୍ଷେତ୍ରରେ ପରିଣତ ହେବାର ସମ୍ଭାବନା ରହିଛି। ଆସନ୍ତା ୨୪ଘଣ୍ଟା ମଧ୍ୟରେ ବଜ୍ରପାତ ସହ ସ୍ୱଳ୍ପରୁ ମଧ୍ୟମ ଧରଣର ବର୍ଷା ହେବା ନେଇ ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ, ଗଜପତି ଓ ଗଞ୍ଜାମ ଜିଲ୍ଲାକୁ ପାଣିପାଗ କେନ୍ଦ୍ର ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି। ରାଜ୍ୟର ଅନ୍ୟାନ୍ୟ ଅଞ୍ଚଳରେ ପାଗ ଶୁଖିଲା ରହିବ।